### ବହୁମୁଖୀ ବନ୍ୟା-ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣରେ ଅନିଶ୍ଚିତତା

# ଅର୍ଥାଭାବରୁ ବନ୍ଦ ୨ ପ୍ରକଳ୍ପକୁ ବିଭାଗୀୟ ଅଣଦେଖା

।ରିପଦା, ୨୩।୪(ସମିସ)

ବହୁମୁଖୀ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣରେ ମୟୂରଭଞ୍ଜ ଜିଲ୍ଲା ପ୍ରତି ପୁଣି ଅବହେଳା କରାଯାଇଛି। ରାଜ୍ୟରେ ଓସ୍‌ଡମା ପକ୍ଷରୁ ସଦ୍ୟ ମଞ୍ଜୁର ହୋଇଥିବା ୨୯ଟି ନୂତନ ପ୍ରକଳ୍ପ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ବାଦ ପଡ଼ିଛି। ଗତ ସାଧାରଣ ନିର୍ବାଚନରେ ମୟୂରଭଞ୍ଜବାସୀ ଶାସକ ଦଳର ସମସ୍ତ ସାଂସଦ ଓ ବିଧାୟକଙ୍କୁ ଜିତାଇଥିବା ବେଳେ ଡବଲ ଇଞ୍ଜିନ ସରକାରଙ୍କ ଜିଲ୍ଲାପ୍ରତି ବୈମାତୃକ ମନୋଭାବ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରାକୃତିକ ବିପର୍ଯ୍ୟୟ ଓ ବନ୍ୟା ବିଭୀଷିକାରେ ସଦାସର୍ବଦା ପ୍ରଭାବିତ ହେଉଥିବା ଜିଲ୍ଲା ପ୍ରତି ସରକାରଙ୍କ ଏଭଳି ଅବହେଳା ଜିଲ୍ଲାର ଦୁର୍ବଳ ନେତୃତ୍ୱକୁ ପ୍ରମାଣିତ କରୁଛି।

ମୟୂରଭଞ୍ଜ ଜିଲ୍ଲାରେ ୧୦ଟି ବହୁମୁଖୀ ବନ୍ୟ/ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ତେବେ ୨୬ବ୍ଲକ ୪୦୪ ପଞ୍ଚାୟତକୁ ନେଇ ଗଠିତ ଜିଲ୍ଲାରେ ପ୍ରବାହିତ ପ୍ରମୁଖ ନଦୀ ସଂଲଗ୍ନ ଗ୍ରାମ ପାଇଁ ଉପରୋକ୍ତ ଆଶ୍ରୟ ସ୍ଥଳୀ ନଗଣ୍ୟ। ଦୁର୍ବିପାକ ଓ ବିପତ୍ତି ସମୟରେ ଜିଲ୍ଲା ପ୍ରଶାସନ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ବିକଳ୍ପ ଆଶ୍ରୟ ସ୍ଥଳୀ ଭାବେ ବ୍ୟବହାର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଆହୁରି ଅଧିକ ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ତାଲିକା ପ୍ରସ୍ତୁତ ହୋଇଥିଲା। ତତ୍କାଳୀନ ନବୀନ ସରକାର ବଡସାହି ବ୍ଲକ ଚନ୍ଦନପୁର ପଞ୍ଚାୟତ ଟୁଣିଗମ୍ଭାରିଆ ଓ ଉଦଳା ବ୍ଲକର ବୈରାଟପୁର ପଞ୍ଚାୟତ କୋଟିଳାଡିହା ଗ୍ରାମରେ ୨ଟି ପ୍ରକଳ୍ପକୁ ସବୁଜ ସଙ୍କେତ ଦେଇଥିଲେ। ଏନେଇ ଟୁଣାଗମ୍ଭାରିଆ ଖାତା ନଂ ୨୩୦ ଓ ପ୍ଲଟ ନଂ ୬୪୨ ଏବଂ କୋଟିଳାଡିହା ଖାତା ନଂ ୧୦୩ ଓ ପ୍ଲଟ ନଂ ୨୫୭ରେ ୨୫ଡିସି ମିଳି ଜାଗା ଚିହ୍ନଟ ପୂର୍ବକ ୩-୩କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ନିର୍ମାଣ ପାଇଁ ଓସଡମା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଗ୍ରାମ ଉନ୍ନୟନ ବିଭାଗକୁ ସୁପାରିଶ ପରେ ଟେଣ୍ଡର ହୋଇଥିଲା। ଠିକାଦାର ଟେଣ୍ଡର ନେଇ ଚୁକ୍ତିନାମା ସହ ୮୩ଲକ୍ଷ ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ମଧ୍ୟ ଜମା କରିଛନ୍ତି। ପରନ୍ତୁ ଅର୍ଥ ଅଭାବ ଦର୍ଶାଇ ଉପରୋକ୍ତ ଦୁଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି। ଟୁଣାଗମ୍ଭାରିଆ ଗ୍ରାମଟି ପ୍ରତିବର୍ଷ ବୁଢାବଳଙ୍ଗ ଓ କୋଟିଳାଡିହା ଗ୍ରାମଟି ପ୍ରତିବର୍ଷ ସୋନ ନଦୀ ବନ୍ୟାରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୁଏ। ଶତାଧିକ ଗ୍ରାମବାସୀଙ୍କ ଘରେ ବନ୍ୟା ଜଳ ପ୍ରବେଶ ପାଇଁ ସେମାନେ ନାହିଁ ନଥିବା କଷ୍ଟ ଭୋଗିଥାନ୍ତି। ପୂର୍ବ ସରକାରଙ୍କ ଅମଳରେ ଏଥିପାଇଁ ଦୁଇଟି ପ୍ରକଳ୍ପକୁ ଅଗ୍ରାଧିକାର ଦିଆଯାଇ ଅନୁମତି ପ୍ରଦାନ କରାଯାଇଥିଲା। ପରନ୍ତୁ ବର୍ତ୍ତମାନ ଡବଲ ଇଞ୍ଜିନ ସରକାରଙ୍କ ସମୟରେ ଅର୍ଥାଭାବରୁ ଜରୁରୀକାଳୀନ ପ୍ରକଳ୍ପ ନିର୍ମାଣ ହୋଇ ନପାରିବା ଦୁଃଖର ବିଷୟ। ପ୍ରକଳ୍ପ ଦୁଇଟି ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ନହେଲେ ଉଭୟ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ରାଜ୍ୟରେ ଏପରି ୨୯ଟି ପ୍ରକଳ୍ପକୁ ଓସଡମା ମଞ୍ଜୁର କରିଥିବା ବେଳେ ବଡସାହି ଓ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀର ଉପରୋକ୍ତ ଦୁଇ ପ୍ରକଳ୍ପ ସାମିଲ ନହେବା ଆଶ୍ଚର୍ଯ୍ୟ କରିଛି। ନଦୀ ସଂଲଗ୍ନ ଗ୍ରାମ ମାନଙ୍କରେ ଏପରି ପ୍ରକଳ୍ପ ବର୍ଷାଋତୁ ପୂର୍ବରୁ ସମ୍ପନ୍ନ ଜରୁର। ଏଣୁ ତୁରନ୍ତ ବିଭାଗ ପକ୍ଷରୁ ପ୍ରକଳ୍ପ ଦୁଇଟି ସାମିଲ ପାଇଁ ବଡ଼ସାହି ଓ ଉଦଳା ବିଧାୟକ ଯଥାକ୍ରମେ ସନାତନ ବିଜୁଳି ଓ ଭାସ୍କର ମଢେଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଉଭୟେ ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



### ଓସଡମାର ୨୯ଟି ତାଲିକାରେ ମୟୂରଭଞ୍ଜ ନାମ ନାହିଁ

### ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ସ୍ଥାନର ଇଂରାଜୀ ବନାନ ସଂଶୋଧନ

## ତାଲିକାରେ ମୟୂରଭଞ୍ଜର ୫ଟି ନାମ

**ବାରିପଦା, ୨୩।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ବ୍ଲକ/ତହସିଲ ଓ ଉପଖଣ୍ଡକୁ ମିଶାଇ ୫ଟି ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ସ୍ଥାନଗୁଡ଼ିକର ଇଂରାଜୀ ବନାନ ସଂଶୋଧନ ହେବାକୁ ଯାଉଛି। ଏହି କ୍ରମରେ କମିଟିର ସୁପାରିଶ ଅନଯାୟୀ ଜିଲ୍ଲାର ବେତନଟି ବ୍ଲକ/ତହସିଲର ଇଂରାଜୀ ନାମ ବେତନୋଟି ପରିବର୍ତ୍ତେ ବେତନୀ, ଶାମାଖୁଣ୍ଟା ବ୍ଲକ/ତହସିଲର ଇଂରାଜୀ ନାମ ସାମାଖୁଣ୍ଟା ପରିବର୍ତ୍ତେ ଶାମାଖୁଣ୍ଟା, ମୋରଡା ବ୍ଲକ/ତହସିଲର ଇଂରାଜୀ ନାମ ମୋରେଡା/ମୋରାଡ଼ା ପରିବର୍ତ୍ତେ ମୋରଡ଼ା, ରାସଗୋବିନ୍ଦପୁର ବ୍ଲକ/ତହସିଲର ଇଂରାଜୀ ନାମ ରସଗୋବିନ୍ଦପୁର ପରିବର୍ତ୍ତେ ରାସଗୋବିନ୍ଦପୁର, ପଞ୍ଚପିଢ ଉପଖଣ୍ଡର ଇଂରାଜୀ ନାମ ପଞ୍ଚପିର ପରିବର୍ତ୍ତେ ପଞ୍ଚପିଢ଼ ଭାବେ ସଂଶୋଧନ ହେବାକୁ ଯାଉଛି। ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ ଓ ବ୍ଲକଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ବନାନ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡ଼ିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପୂର୍ବରୁ ସାଧାରଣ ଜନତା ଓ ଜନପ୍ରତିନିଧିଙ୍କଠାରୁ ପରାମର୍ଶ/ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ଅନେକ ପ୍ରସ୍ତାବ ଓ ପରାମର୍ଶପ୍ରାପ୍ତ ହୋଇଥିଲା। ପ୍ରାପ୍ତ ହୋଇଥିବା ସମସ୍ତ ପ୍ରସ୍ତାବଗୁଡ଼ିକୁ ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ଡ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିଶ ହୋଇଥିବା ପ୍ରସ୍ତାବଗୁଡିକୁ ସାମିଲ କରାଯାଇଛି। ଉକ୍ତ ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଉଛି। ଜନସାଧାରଣ ସେମାନଙ୍କର ମତାମତ/ପରାମର୍ଶ ୨୨ ଏପ୍ରିଲଠାରୁ ଏକ ମାସ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଲୋକସେବା ଭବନ, ଭୁବନେଶ୍ୱର-୭୫୧୦୦୧ ଠିକଣାରେ ପ୍ରେରଣ କରିବାକୁ ରାଜ୍ୟପାଳଙ୍କ ଆଦେଶକ୍ରମେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ ଅନୁରୋଧ କରିଛନ୍ତି।

## ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

**କୁଆମରା, ୨୩।୪(ସମିସ):** ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକ ପ୍ରାଥମିକ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ବ୍ଲକର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଅଷ୍ଟମ ବେତନ କମିଶନ ଲାଗୁ କରିବା, ଚିକିତ୍ସା ଭତ୍ତା, ରେଳ ଓ ବସ୍ ଯାତାୟତରେ ରିହାତି, କୋଭିଡ୍ ସମୟରେ ୧୮ ମାସର ବକେୟା ଭତ୍ତା ପ୍ରଦାନ ପ୍ରଭୃତି ଦାବି ରହିଛି। ସଂଘ ସଭାପତି ପ୍ରତାପ ଚନ୍ଦ୍ର ପାତ୍ର, ସମ୍ପାଦକ ହରିଶ ଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ଉପାଧ୍ୟାୟ, ଦିବାକର ପରିଡ଼ା, ହିରେନ କୁମାର ରାୟ, ଗଙ୍ଗାଧର ଭୋଇ, ଆର୍ତ୍ତତ୍ରାଣ ବେହେରା, ସତୀଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ଗ୍ରୀଷ୍ମପ୍ରବାହ ଯୋଗୁଁ ସ୍କୁଲ ଓ କଲେଜ ଛୁଟି ବଳବତ୍ତର

**ବାରିପଦା, ୨୩।୪(ସମିସ):** ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗରମକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଓ କଲେଜ ଛୁଟି ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି। ଶିଶୁ ବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପ୍ରଥମେ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳ ହେମକାନ୍ତ ସଏ ଛୁଟି ଘୋଷଣା କରିଥିଲେ। ତେବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସୂଚନା ଅନୁସାରେ ପରିସ୍ଥିତି ଅନୁସାରେ ପରବର୍ତ୍ତୀ ଆଦେଶ ନ ହେବା ପର୍ଯ୍ୟନ୍ତ ଛୁଟି ବଳବତ୍ତର ରହିବ ବୋଲି ସେ କହିଛନ୍ତି। ଜିଲ୍ଲାରେ ତାପମାତ୍ରା କ୍ରମାଗତ ଭାବେ ବଢୁଥିବାରୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ୫ମ ଓ ୮ମ ଶ୍ରେଣୀ ପରୀକ୍ଷା, ଆଡମିଶନ ଚାଲୁ ରହିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କୁ ଅନୁରୋଧ କରାଯାଇଛି ଯେ, ଏହି ଛୁଟି ସମୟରେ ଦିନର ଅଧିକାଂଶ ସମୟ ଘର ଭିତରେ ରହିବା ଓ ପ୍ରଚଣ୍ଡ ଗ୍ରୀଷ୍ମରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ସତର୍କତା ଅବଲମ୍ବନ କରନ୍ତୁ।

**ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ବନ୍ଦ ଥିଲା ୪ ଦିନ**

## ବାଲି ବୋଝେଇ ହାଇୱା ଜବତ

**ରାଇରଙ୍ଗପୁର/କରଞ୍ଜିଆ, ୨୩।୪ (ସମିସ):** ବେଆଇନ ଲଘୁ ଖଣିଜ ହାଇୱା ଯୋଗେ କେନ୍ଦୁଝର ଜିଲ୍ଲାକୁ ଚୋରା ଚାଲାଣ ବେଳେ କରଞ୍ଜିଆ ଥାନା ପୁଲିସ ଦ୍ୱାରା ଜବତ କରାଯାଇଛି। ବାଲି ଚୋରାଚାଲାଣ ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଏକ ଟିମ ଚଢ଼ଉ କରିଥିଲା। ଡୁମୁରିଆ ଗ୍ରାମ ନିକଟସ୍ଥ ବୈତରଣୀ ନଦୀ ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଯାଉଥିବାବେଳେ ଅଟକାଇବାକୁ ପୁଲିସ ଟିମ୍ ପ୍ରୟାସ କରିଥିଲା। ପୁଲିସକୁ ଚକମା ଦେଇ ହାଇୱା ଚମ୍ପଟ ମାରିଥିଲା। ପିଛା କରି ଗାଡ଼ି ଅଟକାଇ ଯାଞ୍ଚ କରାଯାଇଥିଲା। କୌଣସି କାଗଜପତ୍ର ନ ଥିବାବେଳେ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଅଞ୍ଚଳକୁ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ରରୁଆଁ ଅଞ୍ଚଳର ଏମଡି ରଫିକ ନାମକ ବ୍ୟକ୍ତି ନଦୀ ଘାଟରୁ ବେଆଇନ ଭାବେ ହାଇୱାରେ ବାଲି ଉତ୍ତୋଳନ କରି ଚାଲାଣ କରୁଥିବା ଜଣାପଡ଼ିଛି। ଗାଡ଼ି ଚାଳକକୁ ଗିରଫ କରାଯାଇଛି। ଏ ନେଇ କରଞ୍ଜିଆ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

**କେନ୍ଦୁଝରକୁ ହେଉଥିଲା ଚାଲାଣ**

## ଚକ୍ରଧରପୁରରେ ଓଡ଼ିଆ ସଂଗଠନ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



**ବାରିପଦା, ୨୩।୪(ସମିସ):** ପୂଜ୍ୟପୂଜାର ପରମ୍ପରାକୁ ବଜାୟ ରଖିବାକୁ ବନ୍ଦେ ବରପୁତ୍ରମ କାର୍ଯ୍ୟକ୍ରମ ଜରିଆରେ ଝାଡ଼ଖଣ୍ଡର ଚକ୍ରଧରପୁରରେ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଅତ୍ୟନ୍ତ ଶ୍ରଦ୍ଧାର ସହ ପାଳନ କରାଯାଇଛି। ଏ ଅବସରରେ ଓଡ଼ିଆ ଭାଷା ବିକାଶ ପରିଷଦ, ଝାଡ଼ଖଣ୍ଡ ଓ ସ୍ଥାନୀୟ ଉତ୍କଳ ସମ୍ମିଳନୀ ପକ୍ଷରୁ ସହରରେ ଥିବା ଓଡ଼ିଶାର ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସଫେଇ କରାଯାଇ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ବିକାଶ ପରିଷଦ ସଭାପତି ପ୍ରଫେସର ଡ ନାଗେଶ୍ୱର ପ୍ରଧାନ, ଉତ୍କଳ ସମ୍ମିଳନୀର ପୂର୍ବତନ ଜିଲ୍ଲା ସଭାପତି ସରୋଜ ପ୍ରଧାନ, ବିଶିଷ୍ଟ ସମାଜସେବୀ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ ଓ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ବକ୍ତାମାନେ କହିଥିଲେ, ଆଜିର ସଫେଇ କାଲି ପାଇଁ ସଂରକ୍ଷିତ କରିବ। ଆମେ କେବଳ ପ୍ରତିମୂର୍ତ୍ତି ସଫା କରୁନାହୁଁ, ଆମ ଇତିହାସ, ଭାଷା ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ପାଇଁ ଆଗାମୀ ପିଢ଼ିକୁ ସଚେତନ କରୁଛୁ। ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଝାଡ଼ଖଣ୍ଡରେ ମଧ୍ୟ ଏହି ଅଭିଯାନ ଆଗକୁ ନିଆଯିବ ବୋଲି ପ୍ରଫେସର ପ୍ରଧାନ ପ୍ରକାଶ କରିଥିଲେ।

**ବିଶ୍ୱ ମେଲେରିଆ ସପ୍ତାହ**

## ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

**ବାରିପଦା, ୨୩।୪(ସମିସ):** ଜିଲ୍ଲାସ୍ତରୀୟ ମେଲେରିଆ ନିରାକରଣ ପାଇଁ ଆନ୍ତଃ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ସହରାଞ୍ଚଳରେ ନାଳ ସଫା, କୀଟନାଶକ ସିଞ୍ଚନ ସମେତ ସମସ୍ତ ଅଞ୍ଚଳର ଜନସାଧାରଣମାନଙ୍କ ମଧ୍ୟରେ ମଶାରୀ ବ୍ୟବହାର କରିବା ପାଇଁ ସଚେତନତା ଅଭିଯାନ କରିବାକୁ ଗୁରୁତ୍ୱାରୋପ କରିଥିଲେ।




ସେହିପରି ଜିଲ୍ଲାପାଳ ଘର ଘର ବୁଲି ସମସ୍ତ ଜ୍ୱର ରୋଗୀଙ୍କୁ ମେଲେରିଆ ରକ୍ତ ପରୀକ୍ଷା କରିବା, ଶୋଇଲା ବେଳେ ମଶାରୀ ଟାଙ୍ଗି ଶୋଇବା ଓ ପ୍ରତ୍ୟେକ ମ୍ୟାଲେରିଆ ରୋଗୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରଦାନ କରିବା ପାଇଁ ତୃଣମୂଳ ସ୍ତରରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମୀଠୁ ଆରମ୍ଭ କରି ମେଡିକାଲ ଟିମ୍ ସଭିଏଁ ଦଳ ଭିତ୍ତିକ କାର୍ଯ୍ୟ କରିବାକୁ ନିଜ ଅଭିଭାଷଣରେ ମତପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଶ୍ୱନାଥ ଦାସ ଯଥାଶୀଘ୍ର ରୋଗ ଚିହ୍ନଟ କରି ସମ୍ପୂର୍ଣ୍ଣ ଚିକିତ୍ସା କରିବା କରିବା ସହିତ ପରୀକ୍ଷାଗାର ଟେକ୍ନିସିଆନମାନେ ଉଚିତ୍ ସମୟରେ ରକ୍ତ କାଚରେ ମାଇକ୍ରୋସ୍କୋପି ସହାୟତାରେ ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା ବିଜୟ କୁମାର ଦାସ ସମସ୍ତେ ମଶାରୀ ବ୍ୟବହାରକୁ ସୁନିଶ୍ଚିତ କରିବା, ମ୍ୟାଲେରିଆ ରୋଗୀର ରକ୍ତ ପରୀକ୍ଷା ପ୍ରତି ଯତ୍ନବାନ ହେବାକୁ ନିଜ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ କରିଥିଲେ।

ଏ ଅବସରରେ ବିଶ୍ୱ ମେଲେରିଆ ଦିବସ ସପ୍ତାହ ପାଳନ ଉପଲକ୍ଷେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ମ୍ୟାଲେରିଆ ରୋଗ ବିରୋଧରେ ଲଢିବା ନିମନ୍ତେ ଶପଥ ପାଠ କରିଥିଲେ। ସଭାରେ ଜିଲା ଭେକ୍ଟୋର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପାୱାର ପଏଣ୍ଟ ପ୍ରେଜେନଟେସନ ମାଧ୍ୟମରେ ଜିଲ୍ଲାର ମେଲେରିଆ ଓ ଡେଙ୍ଗୁର ସ୍ଥିତି ଏବଂ ମ୍ୟାଲେରିଆ ଏବଂ ଡେଙ୍ଗୁର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଡିନ୍ ଡା ବ୍ରଜକିଶୋର ଦାସ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡା ଶଶୀକାନ୍ତ ସେଠି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ସୁବାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ଜନ ସ୍?ାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା ସୁନନ୍ଦା ମିଶ୍ରୟ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା ଶାନ୍ତନୁ କୁମାର ଦାସ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁର୍ଦ୍ଧର ମୁର୍ମୁ, ସମସ୍ତ ଅଧିକ୍ଷକ ଉପଖଣ୍ଡ ଅଞ୍ଚଳ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀକ୍ଷକ ସିଡ଼ିପିଓ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳକ ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ସାର୍ଥକପୁର ଓ ଛେଳିଆବେଢ଼ାରେ ଝାଡ଼ାବାନ୍ତି

## ଅନୁଧ୍ୟାନ କରି ଫେରିଲା ସ୍ୱାସ୍ଥ୍ୟ ବିଭାଗ

**କୁଆମରା, ୨୩।୪(ସମିସ):** ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ସାର୍ଥକପୁର ଓ ଛେଳିଆବେଢ଼ା ଗ୍ରାମର ଗତକାଲି ୨୬ ଜଣ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତେବେ ଆକ୍ରାନ୍ତ ହେବାର ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ପହଞ୍ଚି ଝାଡ଼ାବାନ୍ତିକୁ ନିୟନ୍ତ୍ରଣ କରିଥିଲା। ଗୋଟିଏ ଦିନ ପୂର୍ବରୁ ଗ୍ରାମର ଏକ ଶ୍ରାଦ୍ଧବାର୍ଷିକୀରେ ସ୍ଥାନୀୟ ଲୋକେ ଯୋଗ ଦେଇଥିବାବେଳେ ପରଦିନ ମନ୍ଦିର ପ୍ରତିଷ୍ଠା ପ୍ରସାଦ ଖାଇଥିଲେ। ଖାଇବାର କିଛି ସମୟ ପରେ ଜଣେ ପରେ ଜଣେ ଅସୁସ୍ଥ ହୋଇ ପଡ଼ିଥିଲେ। ତେବେ ଆକ୍ରାନ୍ତଙ୍କ ମଧ୍ୟରେ ବିଭିନ୍ନ ସମ୍ପ୍ରଦାୟର ଥିଲେ ବୋଲି ଜଣାପଡ଼ିଛି। ମନ୍ଦିର ପ୍ରସାଦ କିମ୍ବା ଶ୍ରାଦ୍ଧବାର୍ଷିକୀ ଭୋଜିର ପ୍ରସ୍ତୁତି ଖାଦ୍ୟରେ ଝାଡ଼ାବାନ୍ତି ଧରି ଥାଇ ପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଛି। ତେବେ ସମସ୍ତ ଆକ୍ରାନ୍ତଙ୍କୁ ସଙ୍ଗେ ସଙ୍ଗେ ଔଷଧ ପ୍ରଦାନ କରିବା ଯୋଗୁଁ ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସିଥିଲା। କୌଣସି ଆକ୍ରାନ୍ତ ବ୍ୟକ୍ତି ଏ ପର୍ଯ୍ୟନ୍ତ ଡାକ୍ତରଖାନା ଯାଇନାହାଁନ୍ତି। ତେବେ ଆଜି ଜିଲ୍ଲା ଓ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ବିଭୁଦତ୍ତ ଦାସ, ରାଜୀବଲୋଚନ ବାରିକ, ଶାନ୍ତନୁ ମହାନ୍ତ, ସତ୍ୟଜିତ ଦାସ, ଅନୁଭବ ପଟ୍ଟନାୟକ, ପ୍ରକାଶ କୁମାର ସାହୁ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଔଷଧ ପ୍ରଦାନ କରିଛନ୍ତି। ଗ୍ରାମରେ ଥିବା ତିନୋଟି ନଳକୂପର ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି।

### ମୌଳିକ ସୁବିଧାରୁ ବଞ୍ଚିତ ଲୋଧା ଜନଜାତି

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ ସୁବିଧା ଅପହଞ୍ଚ

କପ୍ତିପଦା, ୨୩।୪(ସମିସ)

ଓଡ଼ିଶାରେ ୬୨ ପ୍ରକାର ଜନଜାତି ଲୋକ ବସବାସ କରୁଥିବାବେଳେ ୧୩ ଆଦିମ ଜନଜାତିର ଲୋକ ବାସ କରନ୍ତି। ସେଥିମଧ୍ୟରୁ ଲୋଧା ଜନଜାତି ଅନ୍ୟତମ। ଜିଲ୍ଲାର ୮ଟି ବ୍ଲକର ୩୨ଟି ଗ୍ରାମରେ ୧୦୮୩ ପରିବାର ବସବାସ କରନ୍ତି। କପ୍ତିପଦା ବ୍ଲକର ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ମାଙ୍କଡ଼ପଡ଼ା ପଞ୍ଚାୟତ ଏହି ପଞ୍ଚାୟତକୁ ଲାଗି ରହିଛି ଚେମଚଟା ପାହାଡ଼। ଯାହାକି କୁଲଡ଼ିହା ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳ। ଏଠି ଜୀବନ ଯନ୍ତ୍ରଣାଦାୟକ। ମାଟି କାମୁଡ଼ି ପଡ଼ିରହିଥିବା ମଣିଷଙ୍କ ମୁହଁକୁ ନିରୀକ୍ଷଣ କଲେ ଦେଖାଯାଏ କେବଳ ଭୋକ ହିଁ ଭୋକ। ଅସରନ୍ତି ଦୁଃଖର ଅନ୍ଧାରି ଉପତ୍ୟକା ଏହି ଗ୍ରାମ। ସତେ ଯେପରି କଷଟି ପଥରରେ ଏମାନେ କଷିକଷି ଦେହକୁ ବଜ୍ର କରିଛନ୍ତି। ରୋଗ ହେଲେ ମୃତ୍ୟୁକୁ ଅପେକ୍ଷା କରନ୍ତି। କୁଡ କୁଡ ଯୋଜନା ସତ୍ତ୍ୱେ ଏମାନଙ୍କ ନିକଟରେ ବିକାଶ ପହଞ୍ଚିପାରିନି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଏଠି ଅପହଞ୍ଚ। ମୌଳିକ ସୁବିଧାରୁ ବଞ୍ଚିତ ଲୋଧା ଜନଜାତି ଲୋକଙ୍କ ପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ବହୁ ବର୍ଷ ପୂର୍ବେ ୨୮ଟି ଲୋଧା ପରିବାର ମାଙ୍କଡ଼ପଡ଼ା ପଞ୍ଚାୟତର ପଦାଘାଟଠାରେ ଏକ ପଥର ଗୁମ୍ଫାରେ ରହୁଥିଲେ। ସେଠାରେ କିଛିଦିନ ରହିବା ପରେ ସେମାନଙ୍କୁ ଭୋଟ ଦେବାର ସୁଯୋଗ ମିଳିଲା। ଏମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଚୋରି ଆଦି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବାରୁ ମାଙ୍କଡ଼ପଡ଼ା ଜନସାଧାରଣଙ୍କ ସହିତ ମନୋମାଳିନ୍ୟ ଘଟିଥିଲା। ସେଦିନଠାରୁ ସେମାନେ କୁଲଡ଼ିହା ଅଭୟାରଣ୍ୟ ସଂଲଗ୍ନ ଚେମଚଟାରେ ରହିଆସୁଛନ୍ତି। ମୟୂରଭଞ୍ଜ ସୀମାନ୍ତର କୁଲଡ଼ିହା ଅଭୟାରଣ୍ୟ ଭିତରେ ଅତି ଦୟନୀୟ ଭାବେ କାଳାତିପାତ କରୁଥିବା ଏହି ୨୮ଟି ଲୋଧା ପରିବାର ୧୦୦ରୁ ଉର୍ଦ୍ଧ୍ୱ ଲୋକ ଏବେ ସନ୍ଦିହାନ ଅବସ୍ଥାରେ ରହିଛନ୍ତି। ସେମାନଙ୍କର ବାସସ୍ଥାନକୁ ନେଇ ଦୁଇ ଜିଲ୍ଲା ପ୍ରଶାସନ ଉଭୟ ଉଭୟଙ୍କ ଉପରକୁ କାଦୁଅ ଫିଙ୍ଗି ଚାଲିଥିବାବେଳେ ସେଥିରେ କେବଳ ଘାଣ୍ଟି ହେଉଛନ୍ତି ଏହି ପରିବାର। ଦୁର୍ଗମ ପାହାଡ଼ ଉପରେ ରହୁଥିବା ଏହି ଜନଜାତିଙ୍କ ଦୁଃଖ ବୁଝିବାକୁ କାହାର ସମୟ ନ ଥାଏ। ଜଙ୍ଗଲରୁ ପତ୍ର ସଂଗ୍ରହ କରି ଖଲିଦୋନା ତିଆରି କରି ବଜାରରେ ବିକିଲେ ସଂସାର ଚଳେ। ଭଙ୍ଗା କୁଡ଼ିଆରେ ବିତୁଛି ଏମାନଙ୍କ ଜୀବନ। ଏଠାରେ ବସବାସ କରୁଥିବା ଲୋକଙ୍କ ମୁହଁକୁ ନିରୀକ୍ଷଣ କଲେ ଭାସି ଉଠେ ସେମାନଙ୍କର ଭୋକିଲା ମୁହଁ। ପ୍ରାକୃତିକ ପରିବେଶ ମଧ୍ୟରେ ବଢ଼ିଆସିଥିବା ଏ ଅଞ୍ଚଳର ଜନସାଧାରଣ ଆଧୁନିକ ସଭ୍ୟତାଠାରୁ ବହୁ ଦୂରରେ। ସଞ୍ଜ ନଇଁଲେ ଅନ୍ଧାରର ଆଁ ଭିତରେ ଲୁଚିଯାଏ ଏହି ଗାଁ।



ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଏଠି ଅପହଞ୍ଚ। କେବେ ପଡ଼ିବ ଉକ୍ତଅଞ୍ଚଳରେ ବିକାଶର ସୂର୍ଯ୍ୟାଲୋକ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସଞ୍ଜ ନଇଁ ଆସିଲେ ବନ୍ୟଜନ୍ତୁଙ୍କ ସହିତ ସାଥି ହୋଇ ରହିଛନ୍ତି ଏହି ପରିବାର। ପ୍ରଶାସନ କିମ୍ବା ନେତାଙ୍କ ପାଦ ପଡ଼ିନି ଏ ଅଞ୍ଚଳରେ। ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ପଦାଘାଟ ପ୍ରାଥମିକ ବିଦ୍ୟାଳୟରେ ସେମାନଙ୍କ ନାମ ଗତୁଥିଲେ ମଧ୍ୟ ଜଙ୍ଗଲ ଓ ପାହାଡ଼ିଆ ରାସ୍ତା ଯୋଗୁଁ ପିଲାଙ୍କୁ ଛାଡ଼ିବାକୁ ଅମଙ୍ଗ ହୁଅନ୍ତି ଅଭିଭାବକ। ଯଦିଓ ଅଙ୍ଗନବାଡି ପ୍ରତିଷ୍ଠା ହୋଇଛି, ତାହା ଛେଳି ଗୁହାଳଠାରୁ ହିନ। ଚୁଆ, ବିଲ, ନାଳ ପାଣି ଏମାନଙ୍କର ପାନୀୟ। ଘରଠାରୁ ୧୦୦ ମିଟର ଦୂରରେ ଥିବା ବିଲଏକ ଚୁଆରୁ ପାନୀୟ ଜଳ ସଂଗ୍ରହ କରନ୍ତି ଏମାନେ। ଏଥିପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥା'ନ୍ତି। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡ଼ି ଭଳି କୁତ୍ସିତ ମାନସିକତା ଏବେବି ବଳବତ୍ତର ରହିଛି। କୌଣସି ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ହେଲେ ସଙ୍ଗୀଭାର ହିଁ ଭରସା। ଜଙ୍ଗଲ ଏମାନଙ୍କର ସବୁକିଛି। ଦିନେ ଜଙ୍ଗଲ ନ ଗଲେ ଘରେ ଚୁଲି ଜଳୁ ନ ଥିଲା। ମାତ୍ର ଜଙ୍ଗଲ ଜାତ ଦ୍ରବ୍ୟ ଉପରେ କଟକଣା ଲାଗୁ ହେବାପରେ ଚିରାଚରିତ ଭାବେ ବଞ୍ଚୁଥିବା ଏହି ପରିବାର ଆହାର ଉପରେ ପାହାର ପଡ଼ିଛି। ଖଲି ତିଆରି କରି ମାଙ୍କଡ଼ପଡ଼ା ହାଟରେ ବିକ୍ରି କଲେ ପରିବାର ମୁହଁକୁ ଦାନା ଯାଉଥିଲା। ବହୁବାର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ସେମାନଙ୍କର ସମସ୍ୟା ସମ୍ପର୍କରେ ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିନି। ଯଦିଓ ୨୦୨୧ ଜୁଲାଇ ମାସରେ ଜନଜାତିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ଓ ସେମାନଙ୍କର ପରମ୍ପରା, ସଂସ୍କୃତିକୁ ବଞ୍ଚାଇବା ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଥିବା ଘୋଷଣା କରିଥିଲେ ହେଁ ସେ ଘୋଷଣା ଏବେ ସରକାରଙ୍କ ନାଲି ଫାଇଲ୍ ତଳେ ପଡ଼ିରହିଛି।

**ଶୋଷ ମେଣ୍ଟାଉଛି ଚୁଆ ପାଣି**



## ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍



ଯୋଡ଼ା, ୨୩।୪(ସମିସ): ଜେଏସଡବ୍ଲୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଏହାର ଖଣି କାର୍ଯ୍ୟକ୍ଷମ ସ୍ଥାନରେ କାର୍ଯ୍ୟକ୍ଷେତ୍ର ସୁରକ୍ଷା ଏବଂ ଜରୁରିକାଳୀନ ପ୍ରସ୍ତୁତି ପାଇଁ ଏକ ବ୍ୟାପକ ଅଗ୍ନି-ନିରପତ୍ତା ମକ୍‌ଡ୍ରିଲ୍ ଆୟୋଜନ କରିଥିଲା। ଜାତୀୟ ଅଗ୍ନିସେବା ସପ୍ତାହ ପାଳନ ପାଇଁ ଆୟୋଜିତ ଅନ୍ୟାନ୍ୟ କାର୍ଯ୍ୟକଳାପର ଏକ ଅଂଶ ଥିଲା ଏହି ମକ୍‌ଡ୍ରିଲ୍। ଏହି ଅଭ୍ୟାସଗୁଡ଼ିକର ଲକ୍ଷ୍ୟ ଥିଲା ଯେ ପ୍ରତ୍ୟେକ କର୍ମଚାରୀ ଯେକୌଣସି ଜରୁରିକାଳୀନ ପରିସ୍ଥିତିରେ ଶୀଘ୍ର ଏବଂ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବାକୁ ପ୍ରସ୍ତୁତ ରହିପାରିବେ। ଡ୍ରିଲ୍ ଅଗ୍ନି ଆଲାର୍ମ ସକ୍ରିୟ କରିବା ସହିତ ଆରମ୍ଭ ହୋଇଥିଲା, ତା'ପରେ କର୍ମଚାରୀମାନଙ୍କୁ ନିର୍ଦ୍ଧାରିତ ସ୍ଥାନରୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା। ଅଗ୍ନି ନିର୍ବାପନ ଦଳ ହାଇଡ୍ରାଣ୍ଟ ଏବଂ ନିର୍ବାପନ ଯନ୍ତ୍ରର ବ୍ୟବହାର ପ୍ରଦର୍ଶନ କରିଥିଲେ ଏବଂ ସୁରକ୍ଷା ଅଧିକାରୀମାନେ ପ୍ରତିକ୍ରିୟା ସମୟ ଏବଂ ପ୍ରତିଷ୍ଠିତ ପ୍ରୋଟୋକଲ୍ ପାଳନକୁ କଡ଼ାକଡ଼ି ଭାବରେ ନିରୀକ୍ଷଣ କରିଥିଲେ। ପର୍ଯ୍ୟବେକ୍ଷକମାନେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରଶଂସନୀୟ ଅଂଶଗ୍ରହଣ ଏବଂ ଶୃଙ୍ଖଳା ଉଲ୍ଲେଖ କରିଥିଲେ। କମ୍ପାନୀର ସୁରକ୍ଷା ବିଭାଗ ଗୁରୁତ୍ୱାରୋପ କରିଥିଲା ଯେ ସଚେତନତା ଏବଂ ପ୍ରସ୍ତୁତି ବୃଦ୍ଧି କରିବା ପାଇଁ ନିୟମିତ ଅଗ୍ନି ନିରାପତ୍ତା ତାଲିମ ଅଧିବେଶନ କରାଯାଉଛି। ଏପର୍ଯ୍ୟନ୍ତ, ଜେଏସଡବ୍ଲୁ ଷ୍ଟିଲର ଅଧିକାରୀ, କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ୨,୧୩୧ କର୍ମଚାରୀଙ୍କ ଅଂଶଗ୍ରହଣରେ ୫୪ଟି ତାଲିମ ଅଧିବେଶନ ଆୟୋଜନ କରାଯାଇଛି।

## ଦିବାଲୋକରେ ଘରୁ ସୁନାଗହଣା ସହ ନଗଦ ଟଙ୍କା ଲୁଟ୍

**● ଧସ୍ତାଧସ୍ତିରେ ବନ୍ଧୁକ ଦେଖାଇଲେ ଦୁର୍ବୃତ୍ତ**



ତୁରୁମୁଙ୍ଗା, ୨୩।୪(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନାଞ୍ଚଳରେ ଗୁରୁବାର ଦୁଇ ଦୁଇଟି ସ୍ଥାନରୁ ଲୁଟ ହୋଇଛି। ଲୁଟେରାମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ତୁରୁମୁଙ୍ଗା ଥାନା ଭୁଲୁଦା ଗ୍ରାମର ବାଘମରା ସାହିର ଶିକ୍ଷକ ପୀତାମ୍ବର ମହାନ୍ତଙ୍କ ଘରୁ ଲୁଟ ହୋଇଥିବା ବେଳେ ଚିଲିଦା ଗ୍ରାମରୁ ମଧ୍ୟ ଘରେ କେହି ନଥିବା ବେଳେ ଘରର କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ବାଘମରା ସାହିରେ ଘରେ କେହି ନଥିବା ବେଳେ ଲୁଟେରାମାନେ ଘରେ ପଶି ଆଲମିରା ଭାଙ୍ଗି ସୁନାଗହଣା ଲୁଟି ନେଇଛନ୍ତି। ପୀତାମ୍ବର ଗାଧୋଇ ସାରି ଘରକୁ ଆସିବା ପରେ ଲୁଟେରାଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଲୁଟେରାମାନେ ବନ୍ଧୁକ ଦେଖାଇ ଗୁଳି କରିଦେବୁ କହି ଭୟଭୀତ କରାଇ ସୁନାଗହଣା ସହ ନଗଦ ଟଙ୍କା ଧରି ଏକ କଳା ପଲସରରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣା ସମ୍ପୂର୍ଣ୍ଣ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ତୁରୁମୁଙ୍ଗା ପୁଲିସ ଛାନଭିନ୍ ଜାରି ରଖିଛି। ସେହିପରି ଚିଲଦା ଗ୍ରାମର ଯଦୁମଣି ମହାନ୍ତଙ୍କ ଘରୁ ମଧ୍ୟ ଦିନବେଳା ନଗଦ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ ହୋଇଛି। ଘରେ କେହି ନଥିବା ସମୟରେ ଘରର କବାଟ ଭାଙ୍ଗି ଲୁଟିନେଇଛନ୍ତି ଦୁର୍ବୃତ୍ତ। ଏନେଇ ତୁରୁମୁଙ୍ଗା ଥାନାରେ ଉଭୟ ଅଭିଯୋଗ ପରେ ପୁଲିସ ଦୁଇଟି ମାମଲା ରୁଜୁ କରିଛି। ବିଭନ୍ନ ସ୍ଥାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରୁଛି। ଦିନଦ୍ୱିପହରରେ ଗୋଟିଏ ଦିନରେ ପୁଲିସକୁ ଚ୍ୟାଲେଞ୍ଜ ଦେଇ ଦୁଇ ଦୁଇଟି ସ୍ଥାନରୁ ଲୁଟ ହେଇଥିବାରୁ ଅଞ୍ଚଳରେ ଜନସାଧାରଣଙ୍କ ସୁରକ୍ଷା ନେଇ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗଛ ଡାଳ ପଡ଼ି ଦୁଇ ଗୁରୁତର

ଉଦଳା,୨୩।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ମାର୍କେଟରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଚାଲିଛି ଗଛ କଟା। ତେବେ ଗଛ ଡାଳ ପଡି ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି। ଉଦଳା-ବାରିପଦା ମୁଖ୍ୟ ରାସ୍ତା କଳିଆ ଛକଠାରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଗଛ କଟା ଯାଉଥିବାବେଳେ ଗଛ ଡାଳ ପଡି ଦୁଇ ଯୁବକ ଗୁରୁତର ହୋଇଥିଲେ। ରାସ୍ତାରେ ବାଇକ ଯୋଗେ ଯାଉଥିବା ବେଳେ ଦୁଇ ଯୁବକଙ୍କ ଉପରେ ଡାଳ ପଡିଥିଲା। ସେମାନଙ୍କୁ ତୁରନ୍ତ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁଇ ଯୁବକ କପ୍ତିପଦା ଥାନା ବେହେରା ସାହି ଗ୍ରାମର ବୋଲି ଜଣାପଡିଛି।



**କଳମା ପଞ୍ଚାୟତରେ ପାନୀୟଜଳ ସଙ୍କଟ**

# ପୁରୁଷୋତ୍ତମପୁର ଗ୍ରାମର ଶତାଧିକ ଆଦିବାସୀ ପାଣି ପାଇଁ ହନ୍ତସନ୍ତ





ବେତନଟୀ, ୨୩।୪(ସମିସ): କାହା ସ୍ୱାର୍ଥରେ ସରକାରଙ୍କ ମାଳ ମାଳ ଯୋଜନା। ଏଠି ସାଧାରଣ ଲୋକଙ୍କୁ ମିଳୁନି ମୁନ୍ଦାଏ ବିଶୁଦ୍ଧ ପିଇବା ପାଣି। ୪୦ ଡିଗ୍ରୀ ତାପମାତ୍ରାରେ ପାଣି ପାଇଁ ଡହଳବିକଳ ହେଉଛନ୍ତି ଶତାଧିକ ଆଦିବାସୀ ପରିବାର। ବସୁଧା ଯୋଜନାରେ ଗାଁକୁ ପାଇପ୍ ପଡ଼ିଛି, କିନ୍ତୁ ଲୋକଙ୍କୁ ପିଇବା ପାଣି ଯୋଗାଇବାରେ ଏହା ବିଫଳ ହୋଇଛି। ପ୍ରଶାସନିକ ଅବହେଳା ଯୋଗୁଁ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ ବିଶୁଦ୍ଧ ପାନୀୟ ଜଳ। ରାତି ପାହିଲେ ଲୋକଙ୍କ ପାଣି ଚିନ୍ତା ବଢି ଯାଉଛି। ଗାଁରେ ଯେଉଁ ଗୋଟିଏ ନଳକୂପ ରହିଛି, ସେଥିରୁ ପାଣି ସଂଗ୍ରହ କରିବାକୁ ନଳକୂପରେ ଘଣ୍ଟା ଘଣ୍ଟା ଲାଇନ୍ ଲଗାଇ ପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ କଳମା ପଞ୍ଚାୟତର ପୁରୁଷୋତ୍ତମପୁର ଗାଁରେ ଦେଖିବାକୁ ମିଳିଛି।

କଳମା ପଞ୍ଚାୟତରେ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଘର। ସେ ବର୍ତ୍ତମାନ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଅଛନ୍ତି। ବିଧାନସଭାରେ ତାଙ୍କର ପ୍ରଶ୍ନୋତ୍ତର ଓ ଗଣମାଧ୍ୟମରେ ପ୍ରତିକ୍ରିୟା ସଦାବେଳେ ଚର୍ଚ୍ଚାରେ ଥାଏ। ପରନ୍ତୁ ନିଜ ପଞ୍ଚାୟତର ଉପରୋକ୍ତ ଗ୍ରାମରେ ପ୍ରାୟତଃ ଶତାଧିକ ପରିବାର ରହିଥିବାବେଳେ ପାଖାପାଖି ୩୦୦ରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି। ଗାଁର ଗୋଟିଏ ପାଶ୍ୱର୍ରେ ଗାଁଠାରୁ ମାତ୍ର ୧ କିଲୋମିଟର ଦୂରରେ ଜୟପୁରିଆଠାରେ ବସୁଧା ଯୋଜନାରେ ୫୦ ହଜାର କ୍ଷମତା ସମ୍ପନ୍ନ ଗୋଟିଏ ଓଭରହେଡ ପାଣି ଟାଙ୍କି ନିର୍ମାଣ ହୋଇଥିବାବେଳେ ଗାଁ ଅନ୍ୟପଟେ ୧ କିଲୋମିଟର ଦୂରରେ କାନ୍ଥ ନିକଟରେ ସେହି ବସୁଧା ଯୋଜନା ଅନ୍ତର୍ଗତ ୧ ଲକ୍ଷ ୫୦ହଜାର କ୍ଷମତା ବିଶିଷ୍ଟ ଅନ୍ୟ ଏକ ଓଭରହେଡ଼ ପାଣି ଟାଙ୍କି ରହିଛି। ତେବେ ପୁରୁଷୋତ୍ତମପୁର ଗାଁରେ ଅଧା ପାଣି ପାଇପ୍ ମଧ୍ୟ ପଡ଼ିଛି ଓ ପାଣି ଧାରଣ କରି ରଖିବା ପାଇଁ ଗାଁ ମୁଣ୍ଡରେ ୨୦ ହଜାର କ୍ଷମତା ସମ୍ପନ୍ନ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଛି। ହେଲେ ବିଡମ୍ବନାର ବିଷୟ କୌଣସି ଟାଙ୍କିରୁ ଉକ୍ତ ପାଇପରେ ପାଣି ଆସୁନାହିଁ। ଯେଉଁଥିପାଇଁ ଉକ୍ତ ଟାଙ୍କି ଶୁଖିଲା ପଡିଛି ଓ ଗାଁ ଲୋକଙ୍କୁ ମିଳିପାରୁନାହିଁ ବସୁଧା ଯୋଜନାରେ ପାଣି। ବିଭାଗୀୟ ଅଧିକାରୀଙ୍କ ଅପରିଣାମଦର୍ଶୀ ନିର୍ଣ୍ଣୟ ପାଇଁ ଦୁଇଟି ଯାକ ଓଭରହେଡ଼ ଟାଙ୍କି ପୁରୁଷୋତ୍ତମପୁର ଗ୍ରାମଠାରୁ ନୀଚ ସ୍ଥାନରେ ସ୍ଥାପନ କରାଯାଇଛି, ଯେଉଁଥିପାଇଁ ଉପରକୁ ପାଣି ଯାଉନାହିଁ। ଅନ୍ୟପଟେ ୨ ବର୍ଷ ପୂର୍ବେ ଗାଁରେ ଲାଗିଥିବା ପାଣି ପାଇପ୍ ଏବେ ଭାଙ୍ଗିରୁଜି ଯାଇଥିବାବେଳେ ପାଣି ପାଇଁ ଲାଗିଥିବା ଷ୍ଟାଣ୍ଡପୋଷ୍ଟ ମଧ୍ୟ ଭାଙ୍ଗିଗଲାଣି। ତେବେ ଯେଉଁ ଭଙ୍ଗା ଷ୍ଟାଣ୍ଡ ପୋଷ୍ଟ ରହିଛି ସେଠାରେ ଘଣ୍ଟା ଘଣ୍ଟା ଧରି ଜଗିଲେ ମଧ୍ୟ ପାଣି ଆସେନାହିଁ। ବର୍ଷ ତମାମ ଏଠାରେ ପାଣି ପାଇଁ ଡହଳବିକଳ ହେଉଛନ୍ତି ନିରୀହ ଆଦିବାସୀ ପରିବାର।

ଅନ୍ୟପଟେ ଗାଁ ମୁଣ୍ଡରେ ଯେଉଁ ଗୋଟେ ନଳକୂପ ରହିଛି, ସେଥିରେ ବହୁ କମ ପାଣି ବାହାରିବା ସହ ଅପରିଷ୍କାର ପାଣି ଆସୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୁରୁଷୋତ୍ତମପୁର ଗାଁର ଏହି ସାହିରେ ରୁହନ୍ତି ୩ ଶହରୁ ଊର୍ଦ୍ଧ୍ୱ ଲୋକ। ସାହିରେ ରହିଛି ମାତ୍ର ଗୋଟିଏ ନଳକୂପ। ତେଣୁ ଏହି ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି ୮୦ରୁ ଅଧିକ ପରିବାର। ଡହଡହ ଖରାରେ ଗୋଟେ କିଲୋମିଟର ଦୂରରୁ ପାଣି ନେବାକୁ ଆସୁଥିବା ମହିଳା ଗୋଟିଏ ନଳକୂପରେ ପିଇବା ପାଣି ସଂଗ୍ରହ କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ତେବେ ବର୍ଷ ତମାମ ଏହି ସମସ୍ୟା ଲାଗି ରହିଥିବାବେଳେ ଖରାଦିନେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଯାଏ। ଜଳସ୍ତର ଖସିଯିବାରୁ ନଳକୂପରୁ କମ ପାଣି ବାହାରେ। ତେବେ ବର୍ଷ ବର୍ଷ ଧରି ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରୁନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ପାଣି ସମସ୍ୟା ନେଇ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ସରପଞ୍ଚ ଓ ବିଧାୟକଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି। କିନ୍ତୁ ଏଯାଏଁ ଗାଁରେ କୌଣସି ପ୍ରକାର ସମସ୍ୟାକୁ ଦୃଷ୍ଟି ଦିଆଯାଇ ନାହିଁ। ଘଟଣା ସମ୍ପର୍କରେ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି କି ମୁଁ ଅଳ୍ପ ଦିନ ହେଲା ଏଠାରେ ଯୋଗଦାନ କରିଥିବା ହେତୁ ଏହି ସମସ୍ୟା ବାବଦରେ ଅବଗତ ନାହିଁ, ତେବେ ଖୁବଶୀଘ୍ର ଏହାର ସମାଧାନ ପାଇଁ ଚେଷ୍ଟା କରିବୁ କ୍ଷ ତେବେ ଦେଖାଯାଉ ଏ ଗାଁ ଲୋକଙ୍କ ପାଣି ସମସ୍ୟା କେବେ ଦୂର ହେଉଛି କ୍ଷ ଅନ୍ୟପଟେ ଯଥାଶୀଘ୍ର ପାଣି ସମସ୍ୟାର ସମାଧାନ ନହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି।

## ଚୋରିବେଳେ ଧରାପଡ଼ିଲେ ଯାଯାବର ମହିଳା

ତୁରୁମୁଙ୍ଗା, ୨୩।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମାଛଗଡ଼ ଗ୍ରାମର ସାନବାଲିପଶି ସାହିର ଅନିଲ ମହାନ୍ତଙ୍କ ଘରେ ଗୁରୁବାର ପଶି ଜଣେ ମହିଳା ମୋବାଇଲ ଓ ସୁନାଗହଣା ଚୋରି କରି ନେଇଯାଉଥିବା ସମୟରେ ମହିଳାଙ୍କୁ ଅଟକ ରଖି ପୁଲିସର ଜିମା ଦେଇଛନ୍ତି ଗ୍ରାମବାସୀ। ମହିଳା ଜଣଙ୍କ ନିଜର ୪ ବର୍ଷ ଶିଶୁକନ୍ୟାକୁ ଧରି ଘରେ ପଶି ଚୋରି କରୁଥିବା ଜାଣି ତାଙ୍କୁ ଅଟକ ରଖିଥିଲେ। ଖବର ପାଇ ଘଟଣାସ୍ଥଳରେ ସାହାରପଡ଼ା ଫାଣ୍ଡି ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କଠାରୁ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିବା ସହ ମୋବାଇଲ ଓ ଗହଣା ଉଦ୍ଧାର କରିଛି। ମହିଳା ଜଣଙ୍କ ଯାଯାବର ହୋଇଥିବା ପୁଲିସ ସୂଚନା ଦେଇଛି।

## ସାହି ବିବାଦରୁ ୪ ଦିନହେଲା ଅଙ୍ଗନବାଡ଼ିରେ ତାଲା

**■ ବାରଣ୍ଡାରେ କୁନି କୁନି ପିଲା**



ତୁରୁମୁଙ୍ଗା, ୨୩।୪(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ କୁଣ୍ଡୁଳା ପଞ୍ଚାୟତର କୁଣ୍ଡଳା ଗ୍ରାମରେ ୪ ଦିନହେବ ମହାନ୍ତସାହିର ୧ ନମ୍ବର୍ ଅଙ୍ଗନବାଡ଼ି କେନ୍ଦ୍ରର ଶ୍ରେଣୀଗୃହ ଓ ରୋଷେଇ ଘରେ ଗ୍ରାମର କେତେକ ମହିଳା ତାଲା ପକାଇ ଦେଇଛନ୍ତି। ଫଳରେ ୩୭ ଜଣ କୁନି କୁନି ପିଲା ବାରଣ୍ଡାରେ ବସି ପାଠ ପଢୁଛନ୍ତି। ପାଚିକା ନିଜ ଘରେ ରୋଷେଇ କରି ପିଲାଙ୍କ ପାଇଁ ଖାଇବା ଆଣୁଛନ୍ତି। ଅଙ୍ଗନବାଡ଼ିରେ ଏଭଳି ଅଚଳାବସ୍ଥା ଲାଗିରହିଥିବା ବେଳେ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଇ ନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ସୋମବାର କୁଣ୍ଡଳା ପୁରୁଣାସାହିର କେତେକ ମହିଳା ଆସି କାହିଁକି ପୁରୁଣାସାହିର ଅଙ୍ଗନବାଡି ଚାଲିବ ନାହିଁ କହି ମହାନ୍ତସାହିର ୧ନମ୍ବର ଅଙ୍ଗନବାଡ଼ି କେନ୍ଦ୍ରକୁ ଆସି ଛୁଆଙ୍କୁ ଶ୍ରେଣୀଗୃହରୁ ବାହାର କରି ତାଲା ମାରିଦେଇଥିଲେ। ଏନେଇ ସାହାରପଡା ସିଡିପିଓ ଦୀପ୍ତିମୟୀ ନାୟକ ପଚାରିବାରୁ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

## ହାତ ବାନ୍ଧି ବସିଛି ଅବକାରୀ; ପୁଲିସ ଧରୁଛି ଚୋରା ମଦ

ଚମ୍ପୁଆ,୨୩।୪(ସମିସ): ଚମ୍ପୁଆ ଉପଖଣ୍ଡରେ ଦେଶୀ-ବିଦେଶୀ ମଦର ଚୋରା କାରବାର ଚାଲିଥିବା ବେଳେ ଅବକାରୀ ବିଭାଗ ନିରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏପଟେ ଚମ୍ପୁଆ ପୁଲିସ ହାତରେ ଲିଟର ଲିଟର ମଦ ଜବତ ହେଉଛି। ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ତଥା ଆଇଆଇସି ସ୍ୱରୁପ ନାୟକଙ୍କ ତତ୍ତ୍ୱାବଧାନରେ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ବିଦେଶୀ ମଦ ସହ ଗୋଟିଏ ବୋଲେରୋ ଓ ଗୋଟିଏ ବାଇକକୁ ଜବତ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଥିବା ଥାନାଧିକାରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି। ଚମ୍ପୁଆ-ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ଚଢ଼ଉ ସମୟରେ ଚମ୍ପୁଆ ବ୍ଲକ ନିକଟରୁ ବୋଲେରୋ (ଓଡି୦୯କେ ୩୨୫୫)ରେ ବୋଝେଇ ହେଇଥିବା ୬୦ ଲିଟର ୬୦୦ ମିଲିଲିଟର ବିଦେଶୀ ମଦ ଜବତ କରାଯିବା ସହ ଜେଏଚ୍‌୦୬କ୍ୟୁ୪୮୫୮ ବାଇକ୍‌ରୁ ୧୨ ଲିଟର ବିଦେଶୀ ମଦକୁ ଧରାଯାଇଥିଲା। ଅଭିଯୁକ୍ତଦ୍ୱୟ ମୁକେଶ ବେହେରା ଓ ଅଶୋକ ବେହେରାଙ୍କୁ ପୁଲିସ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି। ଚଢ଼ଉ ଦଳରେ ସବଇନସପେକ୍ଟର ନିରଂଜନ ବେହେରା, ହାବିଲଦାର ଲକ୍ଷ୍ମୀଧର ସେଠୀ, ଥାନା କର୍ମଚାରୀ ସସ୍ମିତା ପ୍ରଧାନ, ଦେବସ୍ମିତା ରାଉତ, ଦେବାନନ୍ଦ ମୁଣ୍ଡା, ଦିବ୍ୟସିଂ ପ୍ରଧାନ ଏବଂ ଗୌତମ ବୈଦ୍ୟ ପ୍ରମୁଖ ସାମିଲ ଥିଲେ।

## ସାନନଇଁ ଗ୍ରାମରେ ୨୪ ପ୍ରହର ନାମଯଜ୍ଞ



ଚମ୍ପୁଆ, ୨୩।୪(ସମିସ): ଚମ୍ପୁଆ ବ୍ଲକ ବଡ଼ନଇଁ ପଞ୍ଚାୟତ ଅନ୍ତର୍ଗତ ସାନନଇଁ ଗ୍ରାମବାସୀବୃନ୍ଦଙ୍କ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ହରେକୃଷ୍ଣ ମହାପ୍ରଭୁଙ୍କ ଅଖଣ୍ଡ ନାମଯଜ୍ଞ ଚବିଶ ପ୍ରହର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଭଗବାନଙ୍କ ନାମ ସ୍ମରଣ କରି ଭଜନ-କୀର୍ତ୍ତନରେ ଲୀନ ହୋଇଥିଲେ। ଗତ ୨୦ ତାରିଖରୁ ଆରମ୍ଭ ଏହି ଅଖଣ୍ଡ ନାମଯଜ୍ଞ ସଂକୀର୍ତ୍ତନର ସମସ୍ତ ପୂଜାବିଧି ସ୍ଥାନୀୟ ଦେହୁରୀ ଯଦୁମଣି ଦାସଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଚମ୍ପୁଆ ନିର୍ବାଚନମଣ୍ଡଳୀର ଲୋକପ୍ରିୟ ନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହିତ ଗଣେଶ୍ୱର ପାତ୍ର ଯୋଗଦେଇଥିଲେ। କମିଟିର ସମସ୍ତ ସଦସ୍ୟଙ୍କ ସହିତ ପ୍ରିୟ ପ୍ରଧାନ, ହେମନ୍ତ ଗିରି, ଘାସିନାଥ ଗିରି, ଶ୍ରୀନିବାସ ପ୍ରଧାନ, ଗଙ୍ଗାଧର ଗିରି, ବିରଞ୍ଚି ଗିରି, ମଙ୍ଗୁଲୁ ଗିରି, ରାମେଶ୍ୱର ପ୍ରଧାନ, ସତ୍ୟରଞ୍ଜନ ପ୍ରଧାନ ଓ ଅନେକ ଗ୍ରାମବାସୀ ଅତିଥିଙ୍କ ସ୍ୱାଗତ କରିଥିଲେ। ଯଜ୍ଞ ଅବସରରେ ପୂଜାର୍ଚ୍ଚନା, ହୋମଯଜ୍ଞ, ଭଜନ ସନ୍ଧ୍ୟା ଓ ପ୍ରସାଦ ବଣ୍ଟନ ଆୟୋଜିତ ହୋଇଥିଲା।

## ଘୁଲୁଘୁଲିଆ ଗ୍ରାମରେ ଅଗ୍ନିକାଣ୍ଡ



ମହୁଲଡିହା,୨୩।୪(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ସାତକୋଶିଆ ପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ଦାନିଆ ସାହିରେ ପାଳଗଦାରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କଲେ ଦମକଳ ବାହିନୀ। ଆଜି ଗୃହ କର୍ତ୍ତା ଗୌରାଙ୍ଗ ହୋ ତାଙ୍କ ସ୍ତ୍ରୀ ରାଇ ସହିତ ବାଗଦଫା ଗ୍ରାମରୁ ଫେରି ଦେଖନ୍ତି ନିଆଁ ଲାଗିଛି। ଘର ପାଖରେ ଥିବା ପାଳ ଗଦାରେ ଘରେ କେହି ନ ଥିବାବେଳେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ ୮.୩୦ରେ ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିବାରୁ ବାସଗୃହ ନିଆଁ ଦାଉରୁ ବଞ୍ଚିଯାଇଛି। ନିଆଁ ଲାଗିବା ଅସ୍ପଷ୍ଟ ଥିବାବେଳେ ପିଲାମାନେ ପାଳଗଦାରୁ ମୂଷା ବାହାର କରୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ।

# ବାର୍ଷିକ ମେଡିକାଲ୍ ପ୍ରଦର୍ଶନୀ 'ଇନୋଭେଟିଆ ୧.୦'



ବାରିପଦା,୨୩।୪(ସମିସ): ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ୍ ପରିସରରେ 'ଇନୋଭେଟିଆ ୧.୦' ନାମକ ବାର୍ଷିକ ମେଡିକାଲ୍ ପ୍ରଦର୍ଶନୀ ସଫଳତାର ସହ ଆୟୋଜିତ ହୋଇଯାଇଛି। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଛାତ୍ରସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉକ୍ତ କଲେଜର ଡିନ୍ ଓ ପ୍ରିନ୍ସିପାଲ ପ୍ରଫେସର୍ ଡା ବ୍ରଜକିଶୋର ଦାଶ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଡା ଦାଶ ଏହି ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ଚେତନାକୁ ଉତ୍ସାହିତ କରିବା ସହିତ ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବାରେ ମୂଲ୍ୟବାନ ଭୂମିକା ଗ୍ରହଣ କରିଛି ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି। ଏହି ପ୍ରଦର୍ଶନୀରେ ଏମବିବିଏସ ପ୍ରଥମ ବର୍ଷରୁ ଚତୁର୍ଥ ବର୍ଷର ଛାତ୍ରଛାତ୍ରୀ ମୋଟ ୨୭ଟି ପ୍ରଦର୍ଶନୀ ମଡେଲ୍ ପ୍ରସ୍ତୁତ କରିଥିଲେ। ଏଥିରେ ଦଉଡିରେ ଝୁଲିବା କେସ୍ (ଫାଶୀ), ସାପ କାମୁଡ଼ା, ହୃଦୟର କାର୍ଯ୍ୟପ୍ରଣାଳୀ, ଶ୍ୱାସପ୍ରଶ୍ୱାସ ଯନ୍ତ୍ରଣା, ପଲିସିଷ୍ଟିକ ଓଭାରିୟାନ ସିଣ୍ଡ୍ରୋମ, ଉଚ୍ଚ ସ୍ଥାନ ଓ ଗଭୀର ସମୁଦ୍ରର ଶାରୀରିକ ବିଜ୍ଞାନ, ଭିଟାମିନ (ଏସିଡି), ଡାଏବେଟିସ୍ ଓ ମୋଟାପାରେ ପୋଷଣ, ଅଂଶୁଘାତ, ଫୁସଫୁସ ସମ୍ବନ୍ଧୀୟ ଟିବି, ଏନିମିଆ, ନିରନ୍ତର ସକରାତ୍ମକ ବାୟୁ ଚାପ (ସିପିଏପି), ଫୁସଫୁସ ପୁନର୍ଜୀବନ (ସିପିଆର୍), ଶରୀର ବସ୍ତୁ ସୂଚକାଙ୍କ (ବିଏମାଇ) ଓ ବ୍ଲଡ୍ ପ୍ରେସର୍ ମାପନ ଇତ୍ୟାଦି ସମ୍ପର୍କିତ ଶିକ୍ଷାମୂଳକ ମଡେଲ୍ ପ୍ରଦର୍ଶନ କରାଯାଇଥିଲା।

ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ଜ୍ଞାନ ବୃଦ୍ଧିରେ ବହୁଳ ଭାବେ ସହାୟକ ହୋଇଛି। ଉକ୍ତ ପ୍ରଦର୍ଶନୀକୁ ବାରିପଦାର ବିଭିନ୍ନ ସ୍କୁଲ ଓ ଶିକ୍ଷାନୁଷ୍ଠାନ ସାଇ ଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ପ୍ରିନ୍ସ ପବ୍ଲିକ୍ ସ୍କୁଲ୍, କ୍ୱାଣ୍ଟମ୍ ଏକାଡେମି, ଆର୍ଯ୍ୟଭଟ୍ଟ କୋଚିଂ, ଜ୍ଞାନଦୀପ +୨ ସାଇନ୍ସ ରେସିଡେନ୍ସିଆଲ୍ କଲେଜ, ପ୍ରଭା ସ୍କୁଲ୍ ଏଣ୍ଡ କଲେଜ୍ ଅଫ୍ ନର୍ସିଂ, ପୁର୍ଣ୍ଣଚନ୍ଦ୍ର ହାୟର୍ ସେକେଣ୍ଡାରୀ ସ୍କୁଲ ପ୍ରଭୃତିର ଅନେକ ଛାତ୍ରଛାତ୍ରୀ ପରିଦର୍ଶନ କରି ଜ୍ଞାନ ଅର୍ଜନ କରିଥିଲେ। ଏହି ଅବସରରେ ଭବିଷ୍ୟତର ମେଡିକାଲ୍ ଆଶାୟୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ବିଜେତାମାନଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ମାଇକ୍ରୋବାୟୋଲୋଜି ବିଭାଗୀୟ ମୁଖ୍ୟ, ପ୍ରୋଫେସର ଡା ଇନ୍ଦ୍ରାଣୀ ମହାନ୍ତି ମାର୍ଗଦର୍ଶନରେ ହୋଇଛି। ଏଥିରେ ଛାତ୍ରସଂଘର କାର୍ଯ୍ୟକର୍ତ୍ତା ତଥା ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରି ସଫଳ କରିଥିଲେ।

